# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 November - 2024**

**News Editor : *Itishree Singh Rathaur***

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା' ଭାରତର ଅଭିବୃଦ୍ଧିର ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି; କହିଲେ ମୁଖ୍ୟମନ୍ତ୍ରୀ

– ସିଙ୍ଗାପୁର ରୋଡ୍ ଶୋ'ରେ ଓଡ଼ିଶାର ଉତ୍କୃଷ୍ଟ ଭିତ୍ତିଭୂମି ପ୍ରଦର୍ଶିତ

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଧାନକିଣା ପ୍ରକ୍ରିୟା
- ଦେବଗଡ଼ ଏବଂ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଆଇସିୟୁ ଶଯ୍ୟା ସଂଖ୍ୟା ୪୦କୁ ବୃଦ୍ଧି ହେବା ନେଇ ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି

ଏବଂ

- ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା

# ମହତାବ ଜୟନ୍ତୀ

ଡକ୍ଟର ମହତାବଙ୍କ ଜନ୍ମୋବାର୍ଷିକୀ ସ୍ମରଣ ଉତ୍ସବ ଆଜିଠାରୁ ୩ ଦିନ ବ୍ୟାପୀ ପାଳନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଥିବା ଡକ୍ଟର ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ବିଭାଗର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ରଙ୍କ ସହ ଅନ୍ୟ ବରିଷ୍ଠ ବୁଦ୍ଧିଜୀବୀମାନେ ଯୋଗଦେଇ ଡକ୍ଟର ମହତାବଙ୍କ ସ୍ମୃତିଚାରଣ କରିଥିଲେ । ତିନିଦିନ ଧରି ନବ ଉତ୍କଳର ନିର୍ମାତା ଡକ୍ଟର ମହତାବଙ୍କ ସ୍ମୃତି ଚାରଣ ସହ ବିଭିନ୍ନ ପୁସ୍ତକ ଉନ୍ମୋଚନ, ପୁସ୍ତକ ଓ ତୈଳଚିତ୍ର ପ୍ରଦର୍ଶନୀ ଆଦିର ଆୟୋଜନ କରାଯିବ ।

# ମହତାବ ଜୟନ୍ତୀ

ଡକ୍ଟର ମହତାବଙ୍କ ଜନ୍ମୋବାର୍ଷିକୀ ସ୍ମରଣ ଉତ୍ସବ ଆଜିଠାରୁ ୩ ଦିନ ବ୍ୟାପୀ ପାଳନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଥିବା ଡକ୍ଟର ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ବିଭାଗର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ରଙ୍କ ସହ ଅନ୍ୟ ବରିଷ୍ଠ ବୁଦ୍ଧିଜୀବୀମାନେ ଯୋଗଦେଇ ଡକ୍ଟର ମହତାବଙ୍କ ସ୍ମୃତିଚାରଣ

କରିଥିଲେ । ତିନିଦିନ ଧରି ନବ ଉତ୍କଳର ନିର୍ମାତା ଡକ୍ଟର ମହତାବଙ୍କ ସ୍ମୃତି ଚାରଣ ସହ ବିଭିନ୍ନ ପୁସ୍ତକ ଉନ୍ମୋଚନ, ପୁସ୍ତକ ଓ ତୈଳଚିତ୍ର ପ୍ରଦର୍ଶନୀ ଆଦିର ଆୟୋଜନ କରାଯିବ ।

## ସୁଭଦ୍ରା ଯୋଜନା : ପ୍ରଭାତୀ ପରିଡ଼ା

ରାଜ୍ୟ ସରକାରଙ୍କର ସୁଭଦ୍ରା ଯୋଜନାରେ ଆସନ୍ତା ଡିସେମ୍ବର ମାସ ପହିଲା ସୁଦ୍ଧା ୧ କୋଟି ମହିଳା ହିତାଧିକାରୀ ଆର୍ଥିକ ସହାୟତା ପାଇଥିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଆସନ୍ତା ରବିବାର ସୁଦ୍ଧା ଆଉ ୨୦ ଲକ୍ଷ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ସାମିଲ କରାଯିବ। ବାଦ୍‌ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ୍ କରିବା ନେଇ ଆଜି ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଉଛି। ଶ୍ରୀମତୀ ପରିଡ଼ା କହିଛନ୍ତି ବର୍ତ୍ତମାନ ସୁଦ୍ଧା ୧ କୋଟି ୧୬ ଲକ୍ଷ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି।

## ରାଷ୍ଟ୍ରପତି ପୁରୀ ଗସ୍ତ

ପୁରୀ ରାଜଭବନ ନିକଟସ୍ଥ ବ୍ଲୁ ଫ୍ଲାଗ୍ ବେଳାଭୂମିଠାରେ  ଆସନ୍ତା ମାସ ୪ ତାରିଖରେ ନୌସେନା ଦିବସ ପାଳନ  ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ନୌସେନାର ବିବିଧ କୌଶଳ ପ୍ରଦର୍ଶନ ସହ ଚିତ୍ତାକର୍ଷକ ଏୟାର ସୋ’

ଅନୁଷ୍ଠିତ ହେବ। ଜଳଜାହାଜ ମାଧ୍ୟମରେ ଓ ଆକାଶମାର୍ଗରେ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯିବ। ଏୟାର ସୋ’ କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି।

## ଶପଥପାଠ

ରାଷ୍ଟ୍ରପତି ଭବନ ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସମାରୋହରେ ଦେଶର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ ରୂପେ ଆଜି ଶପଥ ଗ୍ରହଣ କରିଛନ୍ତି କେ. ସଞ୍ଜୟ ମୂର୍ତ୍ତି । ଶ୍ରୀ ମୂର୍ତ୍ତିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

## ଲୋକ ମହୋତ୍ସବ ଚଇତି

ରାୟଗଡା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ଚଇତି ୨୦୨୪ ଆସନ୍ତା ମାସ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହେବ । ରାୟଗଡାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାସ୍ତରୀୟ ଚଇତି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ୫ ଦିନ ଧରି ଅନୁଷ୍ଠିତ ହେବ । ପଦ୍ମପୁର ବ୍ଲକ ଅନ୍ତର୍ଗତ ମରିଚଗୁଡ ଅକ୍ଷରବ୍ରହ୍ମ ମନ୍ଦିରରୁ ଚଇତିର ଶୁଭାରମ୍ଭ ହେବା ନେଇ ସ୍ଥିର ହୋଇଛି ।

## ମାଓବାଦୀ ମୃତ

ମାଲକାନଗିରି ଜିଲ୍ଲାର ଏମ୍ଭି-୭୯ ଥାନା ଅନ୍ତର୍ଗତ ଜିନେଲଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟରେ ଜଣେ ମାଓବାଦୀର ମୃତ୍ୟୁ ଘଟିଥିବାବେଳେ ଜଣେ ଡିଭିଏଫ୍ ଜବାନ ଆହତ ହୋଇଥିବା ଜଣାପଡିଛି । ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ କମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା । ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟରେ ଘଟଣାସ୍ଥଳରେ ଜଣେ ମାଓବାଦୀର ମୃତ୍ୟୁ ଘଟିଥିଲା । ଏବେ ଚଢ଼ଉ ଅଭିଯାନ ଓ କମ୍ବିଂ ଅପରେସନ ଜାରି ରହିଛି ।

## ମତ୍ସ୍ୟ ଦିବସ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ୨୦୨୪ ପାଳନ କରାଯାଇଛି । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହେବା ସହ ଜିଲ୍ଲାର ସଫଳ ମାଛଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜିଲ୍ଲା ଶିକ୍ଷା ୱାଚ ଫୋରମ ଗଠିତ

ସମ୍ବଲପୁର ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅଧାରୁ ବନ୍ଦ କରାଯାଇ ସେମାନଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଘଟଣାର ଯାଞ୍ଚ ପାଇଁ ଜିଲ୍ଲା ଶିକ୍ଷା

ୱାଚ ଫୋରମ ଗଠିତ ହୋଇଛି। ପୂର୍ବରୁ ଆଦର୍ଶ ଆନୁକୂଲ୍ୟରେ ଏହି ଫୋରମ କାର୍ଯ୍ୟକାରୀ ହେଉଥିଲା। ଜିଲ୍ଲାରେ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ବିକାଶ ସହ ଶିକ୍ଷଣୀୟ ଶୈଳୀ ସମ୍ପର୍କରେ ନିୟମିତ ଯାଞ୍ଚ କରି ରିପୋର୍ଟ ପ୍ରଦାନ ବ୍ୟବସ୍ଥାକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ।

## ମନ୍ତ୍ରୀଙ୍କ ସମୀକ୍ଷା

ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର ଧାନକିଣା ବ୍ୟବସ୍ଥାର ଆଜି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ସମୀକ୍ଷା କରିଛନ୍ତି । ଚାଷୀମାନଙ୍କ ଧାନକିଣାରେ ଯେଭଳି କୌଣସି ସମସ୍ୟା ନ ଉପୁଜେ ସେ ଦିଗରେ ପ୍ରସ୍ତୁତ ରହିବା ପାଇଁ ଦୁଇ ଜିଲ୍ଲାର ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

## ସ୍ୱର୍ଣ୍ଣପ୍ରସନ୍ନ କାର୍ଯ୍ୟକ୍ରମ

ରାୟଗଡାସ୍ଥିତ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ପରିସରରେ ରାଜ୍ୟ ଆୟୁଷ ମନ୍ତ୍ରଣାଳୟ ଓ ବେଦାନ୍ତ ଆଲୁମିନା ଆନୁକୂଲ୍ୟରେ ସ୍ୱର୍ଣ୍ଣପ୍ରସନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସ୍ୱର୍ଣ୍ଣପ୍ରସନ୍ନ କାର୍ଯ୍ୟକ୍ରମ ଦ୍ୱାରା ରାୟଗଡା ସମେତ କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ୩୦ହଜାର ଶିଶୁ ଉପକୃତ ହେବେ ।

## ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରାର ଆଜି ସପ୍ତମ ସଂଧ୍ୟାରେ ମେଳା ପଡ଼ିଆରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ବିଭିନ୍ନ ଘରକଣା ଜିନିଷ ଏବଂ

ଦୋକାନ ବଜାରରେ ଭଲ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି । ତଳପଡ଼ିଆରେ ଥିବା ଜାତୀୟ ପଲ୍ଲିଶ୍ରୀ ମେଳାର ଓରମାସ ଷ୍ଟଲରେ ଗତକାଲି ସୁଦ୍ଧା ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୪ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

## ଶିଶୁ ମହୋତ୍ସବ

ବୌଦ୍ଧ ଜିଲ୍ଲା ବଡବନ୍ଧଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଅନୁଷ୍ଠିତ ହୋଇଛି। ଜିଲ୍ଲାର ୧୪ଟି ବିଦ୍ୟାଳୟର ୨୩୫ଜଣ ଛାତ୍ରଛାତ୍ରୀ

ଏଥିରେ ଯୋଗ ଦେଇଥିଲେ । ଏହି ମହୋତ୍ସବରେ ଭଲିବଲ, ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବର କୃତୀ ପ୍ରତିଯୋଗିମାନେ ରାଜ୍ୟସ୍ତରୀୟ ସରଗିଫୁଲରେ ଅଂଶଗ୍ରହଣ କରିବେ ।